# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19 February – 2025**

## News Editor – Itishree Singh Rathaur

***********************************

## ମୁଖ୍ୟ ସମ୍ବାଦ

- ବିପର୍ଯ୍ୟୟ ପ୍ରଶମନ ପାଇଁ ଓଡ଼ିଶାକୁ ୨୫୫ କୋଟି ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କଲେ କେନ୍ଦ୍ର ସରକାର
- ରାଜ୍ୟରେ ୨ କୋଟି ୯୯ ଲକ୍ଷରୁ ଊର୍ଦ୍ଧ୍ୱ ରାସନକାର୍ଡ ହିତାଧିକାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ ହୋଇଥିବା ବିଧାନସଭାରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା
- ଜାତୀୟ ପାରା-ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌ର ମହିଳା ୧୦୦ ମିଟର ଦୌଡ଼ରେ ଓଡ଼ିଶାର ଜୟନ୍ତୀ ବେହେରାଙ୍କୁ ସ୍ୱର୍ଣ୍ଣପଦକ

ଏବଂ

- ରାଜ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ବିପର୍ଯ୍ୟୟ -ଅମିତ୍ ଶାହା

କେନ୍ଦ୍ର ସରକାର ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ  ଓଡ଼ିଶା ସମେତ ୫ଟି ରାଜ୍ୟକୁ ପ୍ରାୟ ୧ ହଜାର ୫୫୫ କୋଟି ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶାକୁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଅଧୀନରେ ୨୫୫ କୋଟି ୨୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ର ସରକାର ବନ୍ୟା, ଆକସ୍ମିକ ବନ୍ୟା, ବାତ୍ୟା, ଭୂ-ସ୍ଖଳନ ଏବଂ ସାମୁଦ୍ରିକ ଝଡ଼ ନିମନ୍ତେ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ପୂର୍ବରୁ ଚଳିତ ଆର୍ଥିକବର୍ଷରେ ୨୭ଟି ରାଜ୍ୟକୁ କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରାୟ ୧୮ ହଜାର ୩୨୩ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହି ଅତିରିକ୍ତ ସହାୟତା ବିପର୍ଯ୍ୟୟ ପ୍ରଶମନ ଏବଂ ଶୂନ୍ୟମୃତ୍ୟୁ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

## ନେପାଳ ଛାତ୍ରଛାତ୍ରୀ

ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଛାତ୍ରୀମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି  ରାଜ୍ୟ ଅତିଥି ଭବନରେ ନେପାଳ ସରକାରଙ୍କ ବରିଷ୍ଠ ଅଧିକାରୀ ସଞ୍ଜୀବ୍ ଦାସଶର୍ମା ଓ ନବୀନ ରାଜଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍‌ରେ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ମୁଖ୍ୟମନ୍ତ୍ରୀ ନେପାଳୀ ଛାତ୍ରଛାତ୍ରୀଙ୍କୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟକୁ ଫେରି ଆସିବାକୁ

ମଧ୍ୟ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ' ନେପାଳର ବୈଦେଶିକ ମନ୍ତ୍ରୀ ଡକ୍ଟର ଆର୍ଜୁ ରାନା ଦେଉଆଙ୍କ ସହ ଫୋନ୍ ଯୋଗେ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

ଏ ସମ୍ପର୍କରେ ଉଚ୍ଚଶିକ୍ଷାମନ୍ତ୍ରୀ କହିଛନ୍ତି....

# - V/O -

ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆଜିଠାରୁ ଆରମ୍ଭ ହୋଇଛି।

## ବିଧାନସଭା

ବିଧାନସଭା ଅଧିବେଶନର ଆଜି ଦ୍ୱିତିୟାର୍ଦ୍ଧରେ ବୈଠକ ଆରମ୍ଭ ହେବା ମାତ୍ରକେ ବିରୋଧି ଦଳର ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ହଙ୍ଗାମା କରିଥିଲେ। ଗୃହ ମଧ୍ୟଭାଗକୁ ଆସି ସଦସ୍ୟମାନେ ବିରୋଧ ପ୍ରଦର୍ଶନ କରିଥିଲେ। ହଙ୍ଗାମା ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଦୁଇଥର ମୁଲତବୀ ଘୋଷଣା କରିଥିଲେ। ବିରୋଧୀ ସଦସ୍ୟଙ୍କ ହଙ୍ଗାମା ଜାରି ରହିବାରୁ ବାଚସ୍ପତି ଆଜି ପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

## ବିଧାନସଭା-ଇ-କେଓ୍ୱାଇସି

ରାଜ୍ୟରେ ଗତ ୧୪ ତାରିଖ ସୁଦ୍ଧା ୨ କୋଟି ୯୯ ଲକ୍ଷ ୭୬ ହଜାର ୮୫୨ ଜଣ ହିତାଧିକାରୀଙ୍କ ରାସନକାର୍ଡ ଇ-କେ.ଓ୍ୱାଇ.ସି. ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି ବୋଲି ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ସମୟସୀମା ସୁଦ୍ଧା ରାଜ୍ୟ ବାହାରେ ଥାଇ ୧ ଲକ୍ଷ ୩୬ ହଜାର ୧୯୨ ଜଣ ହିତାଧିକାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ କରାଇଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି,

୩୨ ଲକ୍ଷ ୫୬ ହଜାର ୪୬୫ ଜଣ ହିତାଧିକାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ ହୋଇପାରିନାହିଁ। ତେବେ ଯାଞ୍ଚ ପ୍ରକ୍ରିୟାରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କୁ ବାଦ୍ ଦିଆଯାଇଛି। ଯେଉଁମାନେ କୌଣସି କାରଣରୁ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇପାରି ନାହାନ୍ତି ସେମାନେ ଡିଲରଙ୍କ ପାଖକୁ ଯାଇ ଯାଞ୍ଚ କରାଇବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି।

## ଜୈବିକ ସାର

ରାଜ୍ୟରେ ୨୦୨୪-୨୫ ଆର୍ଥିକବର୍ଷରେ ଚାଷକାର୍ଯ୍ୟରେ ୨ ଲକ୍ଷ ୩ ହଜାର ୨୪୦ ମେଟ୍ରିକ୍‌ଟନ୍ ଜୈବିକ ସାର ପ୍ରୟୋଗ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ କହିଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସିଂହଦେଓ କହିଛନ୍ତି, ରାଜ୍ୟରେ ପ୍ରାକୃତିକ କୃଷି ପଦ୍ଧତି ଓ ପରମ୍ପରାଗତ କୃଷିଭିତ୍ତିକ ଯୋଜନା ମାଧ୍ୟମରେ କମ୍ପୋଷ୍ଟ ଖତ ପ୍ରସ୍ତୁତ ଏବଂ ତାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କୃଷକମାନଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ହରିୟାଣା ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜିଠାରୁ ହରିୟାଣା ଓ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଗସ୍ତ ସମୟରେ ଶ୍ରୀମତୀ ପରିଡା ହରିୟାଣାରେ ଚାଲିଥିବା ୩୮ତମ ସୂରଜକୁଣ୍ଡ ଅନ୍ତର୍ଜାତୀୟ ହସ୍ତତନ୍ତ ମେଳାରେ ଯୋଗଦେବେ। ଏଥିରେ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନେଇ ସ୍ଥାପିତ ଓଡ଼ିଶା ଥିମ୍ ପାଭେଲିୟନ୍‌କୁ ପରିଦର୍ଶନ କରିବେ ବୋଲି ଜଣାପଡିଛି।

## ହସ୍ତତନ୍ତ ମେଳା

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡିଆରେ ଆଜିଠାରୁ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ସନ୍ଧ୍ୟାରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମେଳାର ଉଦ୍‌ଘାଟନ କରିବେ । କାର୍ଯ୍ୟକ୍ରମରେ ବିଭାଗର ଶାସନସଚିବ ଗୁହା ପୁନମ୍ ତାପସ କୁମାର ମଧ୍ୟ ଉପସ୍ଥିତ ରହିବେ ।

## ଓଡ଼ିଶା ଯାତ୍ରୀ ଆପ୍

'ଓଡ଼ିଶା ଯାତ୍ରୀ ଆପ୍' ଶୁଭାରମ୍ଭ ହେବାର ମାତ୍ର ୪୫ ଦିନ ମଧ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଯାତ୍ରା ସୁବିଧା ଯୋଗାଇ  ମାଇଲଖୁଣ୍ଟ ହାସଲ କରିଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି । ଯାତ୍ରୀଙ୍କ ସୁରକ୍ଷା ଓ ଚାଳକଙ୍କ ସଶକ୍ତୀକରଣକୁ ପ୍ରାଥମିକତା ଦେବା ସହ ଓଡ଼ିଶା ଯାତ୍ରୀଙ୍କ ସ୍ଥିତିକୁ ଏହି ଆପ୍ ଆହୁରି ସୁଦୃଢ଼ କରିବ । ଓଡ଼ିଶା ଯାତ୍ରୀ ରିଅଲ୍ ଟାଇମ୍ ଟ୍ରିପ୍ ଟ୍ରାକିଂ, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ଓଡ଼ିଶା ପୁଲିସ୍ ୧୧୨ ଜରୁରିକାଳୀନ ବ୍ୟବସ୍ଥା ଭଳି ବିଭିନ୍ନ ବୈଶିଷ୍ଟ୍ୟ ଆପ୍‌ରେ ରଖାଯାଇଥିବା ଶ୍ରୀମତୀ ପାଢ଼ୀ କହିଛନ୍ତି ।

## ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଆଧାରିତ ବ୍ଲକ୍ ଓ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ଛତ୍ରପୁର ବାଳିକା ଉଚ୍ଚବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଜିତ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ  ବିଜ୍ଞପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶର୍ମିଷ୍ଠା କୁମାରୀ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ନିପୁଣ ଭାରତ ଓ ନିପୁଣ ଓଡିଶାର ତାତ୍ପର୍ଯ୍ୟ, ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ । ୩ରୁ ୮ବର୍ଷର ଶିଶୁ ତୃତୀୟ ଶ୍ରେଣୀ ସୁଦ୍ଧା ଯେପରି ମୌଳିକ

ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ କରିପାରିବେ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା।

## ଉଲ୍ଲାସ କନ୍‌କ୍ଲେଭ୍

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଉଲ୍ଲାସ କନ୍‌କ୍ଲେଭ୍ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତଥର ଜିଲ୍ଲାରୁ ଏହି କନ୍‌କ୍ଲେଭ୍‌ରେ ୨୮୦ ଜଣ ଅଂଶଗ୍ରହଣ କରିବେ।  କାର୍ଯ୍ୟକ୍ରମର ଆବାହକ ତଥା ଜିଲ୍ଲା ଶିକ୍ଷାଧିକାରୀ ଟାମେଲାଲ୍ ଦୁବେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ।

# ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଫାଲଗୁନ କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି।  ଦିପହର ଧୂପ ସରିବା ପରେ ଦତ୍ତ ମହାପାତ୍ର ସେବକମାନେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର କରୁଛନ୍ତି। ବନକଲାଗି ନୀତି ପାଇଁ  ଆଜି ଅପରାହ୍ଣ ୫ଟା ୪୦ ମିନିଟ୍‌ର ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପାରା ଆଥଲେଟିକ୍ସ

ଚେନ୍ନାଇର ଜବାହାରଲାଲ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ୨୩ତମ ଜାତୀୟ ପାରା-ଆଥଲେଟିକ୍ସ ଚାମ୍ପିୟନସିପରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ମିଳିଛି।

ମହିଳା ଟି-୪୭ ବର୍ଗରେ ୧୦୦ ମିଟରରେ ପାରା ଆଥଲେଟ୍ ଜୟନ୍ତୀ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜୟନ୍ତୀଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୨ଜଣ ପାରା-ଆଥଲେଟ୍ ଅଂଶ ଗ୍ରହଣ କରିଛନ୍ତି।

## ଯୁକ୍ତ ୨ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ସିଏଚ୍ଏସ୍ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ଥିଓରୀ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ମୋଟ୍ ୧ ହଜାର ୨୭୬ଟି ପରୀକ୍ଷା କେନ୍ଦ୍ରରେ ୨ ଲକ୍ଷ ୧୫ ହଜାର ପରୀକ୍ଷାର୍ଥୀ ଆଜି ମାତୃଭାଷା ପରୀକ୍ଷା ଦେଇଛନ୍ତି। ଚଳିତବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ମୋଟ୍ ୩ ଲକ୍ଷ ୯୩ ହଜାର ୬୧୮ ବିଦ୍ୟାର୍ଥୀ ପରୀକ୍ଷା ଦେଉଛନ୍ତି।

## ସଂକ୍ଷିପ୍ତରେ....

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ଯଶୋଦା ଯୋଜନାରେ ୧୪ ଜଣ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଅନ୍ତର୍ଭୁକ୍ତ କରାଯାଇଛି।

**ନୂଆପଡା** ଜିଲ୍ଲା ଖଡିଆଳ ବ୍ଲକ୍ ସମ୍ମିଳନୀକକ୍ଷଠାରେ ସରକାରୀ କର୍ମଚାରୀଙ୍କ ଲୋକଙ୍କୁ ସେବା ପ୍ରଦାନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

**କେନ୍ଦ୍ରାପଡା** ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳାରେ ୩୯ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ।

**କନ୍ଧମାଳ** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା ପ୍ରଶାସନ ଏବଂ ସଂସ୍ଥା ମଧ୍ୟରେ ଯକ୍ଷ୍ମା ଓ ରକ୍ତଶିକୁଳୀ ରୋଗର ଉପଚାର ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

## କବାଡି ଚାମ୍ପିଅନ୍‌ସିପ୍

କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆସନ୍ତାକାଲିଠାରୁ ଜାତୀୟ ବରିଷ୍ଠ ପୁରୁଷ କବାଡି ଚାମ୍ପିଅନ୍‌ସିପ୍‌ର ୭୧ତମ ସଂସ୍କରଣ ଆରମ୍ଭ ହେବ । ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ସମସ୍ତ ରାଜ୍ୟର ପ୍ରତିଯୋଗୀ ଏବଂ ୪ଟି ବିଭାଗୀୟ ଦଳ ଏଥିରେ ଭାଗ ନେବେ । ଓଡ଼ିଶା କବାଡି ସଂଘ ଏବଂ ରାଜ୍ୟ କ୍ରୀଡା ବିଭାଗର ମିଳିତ ସହଯୋଗରେ କବାଡି ଚାମ୍ପିଅନ୍‌ସିପ୍‌ର ଆୟୋଜନ କରାଯାଇଛି ।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆଜିଠାରୁ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ପଶ୍ଚିମା ଝଡ଼ର ପ୍ରଭାବରେ ବର୍ଷା ହେବା ସହ ତାପମାତ୍ରା ହ୍ରାସ ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା,

ଜଗତ୍‌ସିଂହପୁର ଓ କଟକ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆକଳନ କରାଯାଇଛି।